# NATIONAL NEWS BULLETIN (ODIA)

## 19 April - 2025

## Evening Bulletin : 7.15 P.M.

*********************************

## ମୁଖ୍ୟ ସମ୍ବାଦ

- ●● ଆସନ୍ତା ମଙ୍ଗଳବାର ଠାରୁ ଦୁଇଦିନିଆ ସାଉଦିଆରବ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ
- ଦେଶରେ ସ୍ୱାସ୍ଥ୍ୟସେବା କ୍ଷେତ୍ର ପାଇଁ ଏକ ସାମଗ୍ରୀକ ଆଭିମୁଖ୍ୟ ନେଇ ସରକାର କାର୍ଯ୍ୟ କରୁଛନ୍ତି; କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ
- ଅନଲାଇନ୍ ଠକେଇ ପ୍ରତି ସତର୍କ ରହିବାକୁ ତୀର୍ଥଯାତ୍ରୀ ଏବଂ ପର୍ଯ୍ୟଟକଙ୍କୁ ଭାରତୀୟ ସାଇବର କ୍ରାଇମ୍ ସମନ୍ୱୟ କେନ୍ଦ୍ରର ପରାମର୍ଶ
- ବାଂଲାଦେଶରେ ହିନ୍ଦୁ ସଂଖ୍ୟାଲଘୁ ନେତାଙ୍କ ଅପହରଣ ଓ ହତ୍ୟା ଘଟଣାକୁ ତୀବ୍ର ନିନ୍ଦା କଲା ଭାରତ

ଏବଂ

- ଆଇପିଏଲ୍'ର ଆଜିର ଦ୍ୱିତୀୟ ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଲକ୍ଷ୍ନୌ ସୁପରଜାଏଣ୍ଟ୍ସ'ର ନିଷ୍ପତ୍ତି

# ପିଏମ୍-ସାଉଦୀ ଆରବ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ମଙ୍ଗଳବାରଠାରୁ ଦୁଇଦିନିଆ ସାଉଦୀଆରବ ଗସ୍ତରେ ଯିବେ । ସାଉଦୀଆରବର ଯୁବରାଜ ତଥା ପ୍ରଧାନମନ୍ତ୍ରୀ ମହମ୍ମଦ ବିନ୍ ସଲମାନଙ୍କ ନିମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ଗସ୍ତରେ ଯାଉଛନ୍ତି । ଏ ସମ୍ପର୍କରେ ଆଜି ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ସୂଚନା ଦେଇ ବୈଦେଶିକ ବ୍ୟାପାର ସଚିବ ବିକ୍ରମ ମିଶ୍ରି କହିଛନ୍ତି, ଭାରତର ରଣନୈତିକ ସହଯୋଗୀ ଭାବେ ସାଉଦିଆରବ'ର ଗୁରୁତ୍ୱକୁ ଶ୍ରୀ ମୋଦୀଙ୍କର ଏହି ଗସ୍ତ ପ୍ରତିଫଳନ କରୁଛି। ସେଠାରେ ବିଶାଳ ଭାରତୀୟ ପ୍ରବାସୀ ସମ୍ପ୍ରଦାୟ ରହିଛନ୍ତି। ଯାହାକି ସମ୍ଭବତଃ ବିଶ୍ୱର ଦ୍ୱିତୀୟ ବୃହତ୍ତମ ପ୍ରବାସୀ ସମ୍ପ୍ରଦାୟ।  ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଅଧିକ ସୁଦୃଢ଼ କରିବାରେ ଶ୍ରୀ ମୋଦୀଙ୍କର ଏହି ଗସ୍ତ ବିଶେଷ ସହାୟକ ହେବ ବୋଲି ସେ କହିଛନ୍ତି।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ, ୨୦୧୬ ଏବଂ ୨୦୧୯ ମସିହା ପରେ ପ୍ରଧାନମନ୍ତ୍ରୀଙ୍କର ଏହା ତୃତୀୟ ସାଉଦୀ ଆରବ ଗସ୍ତ । ସେପ୍ଟେମ୍ବର ୨୦୨୩ ମସିହାରେ ଜି-୨୦ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ପ୍ରିନ୍ସ ସଲମାନ ନୂଆଦିଲ୍ଲୀ ଗସ୍ତରେ ଆସିଥିଲେ । ଏହି ଅବସରରେ ଭାରତ-ସାଉଦୀଆରବ ଦ୍ୱିପାକ୍ଷିକ ସହଯୋଗୀ ପରିଷଦର ପ୍ରଥମ ବୈଠକରେ ସେ ସହ-ଅଧ୍ୟକ୍ଷତା

କରିଥିଲେ । ସାମାଜିକ, ସାଂସ୍କୃତିକ ଏବଂ ବାଣିଜ୍ୟିକ କ୍ଷେତ୍ର ସମେତ ବିଭିନ୍ନ କ୍ଷେତ୍ରରେ ଦୁଇଦେଶ ମଧ୍ୟରେ ଘନିଷ୍ଠ ଏବଂ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି ।

## ପ୍ରେଜ୍- ଇଷ୍ଟର

ଇଷ୍ଟର ପର୍ବ ପାଳନ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀ ବିଶେଷ କରି ଦେଶ ଏବଂ ବିଦେଶରେ ରହୁଥିବା ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ତାଙ୍କ ବାର୍ତ୍ତାରେ ରାଷ୍ଟ୍ରପତି କହିଛନ୍ତି, ଯୀଶୁଖ୍ରୀଷ୍ଟଙ୍କ ପୁନରୁଥାନକୁ ସ୍ମରଣ କରି ପାଳନ କରାଯାଉଥିବା ଏହି ପର୍ବ ନିସ୍ୱାର୍ଥପର ପ୍ରେମ ଓ ସେବାର ବାର୍ତ୍ତା ପ୍ରଦାନ କରିଥାଏ। ଯୀଶୁଖ୍ରୀଷ୍ଟଙ୍କ ବଳିଦାନ, ତ୍ୟାଗ ଓ କ୍ଷମାର ମୂଲ୍ୟକୁ ଶିଖାଇଥାଏ। ତାଙ୍କର ଜୀବନ ମାନବଜାତିକୁ ସତ୍ୟ, ନ୍ୟାୟ ଏବଂ କରୁଣାର ପଥ ଅନୁସରଣ କରିବାକୁ ପ୍ରେରଣା ଯୋଗାଇଥାଏ ବୋଲି ରାଷ୍ଟ୍ରପତି କହିଛନ୍ତି।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ ଯୀଶୁଖ୍ରୀଷ୍ଟଙ୍କ ଦୟା, କ୍ଷମା ଏବଂ ସେବାର କାଳଜୟୀ ଶିକ୍ଷା ନାଗରିକଙ୍କୁ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଜ ଗଠନ ଦିଗରେ ମାର୍ଗଦର୍ଶନ କରିଥାଏ ବୋଲି କହିଛନ୍ତି।

## ପିଏମ୍-ସିଏସ୍ ଡେ’

ନୂଆଦିଲ୍ଲୀଠାରେ ଆସନ୍ତା ସୋମବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଶାସନିକ ଅଧିକାରୀଙ୍କ ସମ୍ମିଳନୀକୁ ସମ୍ବୋଧନ କରିବେ। ୧୭ତମ ପ୍ରଶାସନିକ ସେବା ଦିବସ ପାଳନ ଅବସରରେ ଏହି ସମ୍ମିଳନୀର ଆୟୋଜନ କରାଯାଇଛି। ଏହି ଅବସରରେ ସାଧାରଣ ପ୍ରଶାସନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ବ୍ୟକ୍ତିବିଶେଷଙ୍କୁ ପ୍ରଧାନମନ୍ତ୍ରୀ ପୁରସ୍କାର ପ୍ରଦାନ କରିବାର କାର୍ଯ୍ୟସୂଚୀ ରହିଛି। ଜିଲ୍ଲାର ସାମଗ୍ରୀକ ବିକାଶ, ବ୍ଲକସ୍ତରୀୟ ଆକାଂକ୍ଷୀ କାର୍ଯ୍ୟକ୍ରମ, ଉଦ୍ଭାବନ ଆଦି କ୍ଷେତ୍ରରେ ୧୬ଟି ପୁରସ୍କାର ପ୍ରଦାନ କରାଯିବ।

## ଅମିତ ଶାହା– ଯକୃତ ଦିବସ

ଯକୃତ ରୋଗର କାରଣ ଏବଂ ଏହାର ନିରାକରଣ ଦିଗରେ ଜନସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ଆଜି ବିଶ୍ୱ ଯକୃତ ଦିବସ ପାଳନ କରାଯାଉଛି। ଚଳିତ ବର୍ଷ ବିଷୟ ବସ୍ତୁ ରହିଛି ‘ଖାଦ୍ୟ ହେଉଛି ମହୌଷଧି’। ଏହି ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ଦେଶରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ର ପାଇଁ ସରକାର ଏକ ସାମଗ୍ରୀକ ଆଭିମୁଖ୍ୟ

ସହିତ କାର୍ଯ୍ୟ କରୁଛନ୍ତି। ନୂଆଦିଲ୍ଲୀସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲିଭର୍ ଆଣ୍ଡ ବିଲିୟେରୀ ସାଇନ୍ସସେସ୍ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ  ଶ୍ରୀ ଶାହା ଏହା କହିଛନ୍ତି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ୧୧ ବର୍ଷ ମଧ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି। ସ୍ୱାସ୍ଥ୍ୟ ବଜେଟ୍ ଏବେ ୧ ଲକ୍ଷ ୨୭ ହଜାର କୋଟି ଟଙ୍କାକୁ ବୃଦ୍ଧି ପାଇଥିବା ବେଳେ ଦେଶରେ ଏମ୍ସ ସଂଖ୍ୟା ୨୩ରେ ପହଁଞ୍ଚିଛି। ମେଡିକାଲ କଲେଜ୍ ସଂଖ୍ୟା ମଧ୍ୟ ୩୮୭କୁ ବୃଦ୍ଧି ପାଇ ୭୮୦ରେ ପହଁଞ୍ଚିଛି ବୋଲି ସେ କହିଛନ୍ତି। ଯକୃତ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱ ପ୍ରଦାନ କରି ମନ୍ତ୍ରୀ ଶ୍ରୀ ଶାହା ନିୟମିତ ବ୍ୟାୟାମ, ସନ୍ତୁଳିତ ଖାଦ୍ୟ, ଗ୍ରହଣ ମାଧ୍ୟମରେ ସୁସ୍ଥ ଜୀବନଶୈଳୀ ଆପଣାଇବାକୁ ପରାମର୍ଶ ଦେଇଛନ୍ତି।

**V/O– Amit Shah**

ଏହି ଅବସରରେ ଶ୍ରୀ ଶାହା କର୍ପୋରେଟ୍ ସଂସ୍ଥାଗୁଡ଼ିକୁ ସେମାନଙ୍କ ସାମାଜିକ ପ୍ରତିବଦ୍ଧତା କାର୍ଯ୍ୟକ୍ରମରେ ସୁସ୍ଥ ଯକୃତ ସଚେତନତା ଅଭିଯାନକୁ ଅନ୍ତର୍ଭୁକ୍ତ କରିବାକୁ ପରାମର୍ଶ ଦେଇଛନ୍ତି।

# ମସ୍କ-ପିଏମ୍ କଲ୍

ଟେସ୍‌ଲାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏଲନ୍ ମସ୍କ କହିଛନ୍ତି, ଚଳିତ ବର୍ଷ ଶେଷ ସୁଦ୍ଧା ସେ ଭାରତ ଗସ୍ତରେ ଆସିବେ। ପ୍ରଧାନମନ୍ତ୍ରୀ

ନରେନ୍ଦ୍ର ମୋଦୀଙ୍କ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମତ ଦେଇ ସେ କହିଛନ୍ତି, ଶ୍ରୀ ମୋଦୀଙ୍କ ସାକ୍ଷାତ ଆଲୋଚନା ତାଙ୍କ ପାଇଁ ଗୌରବର ବିଷୟ ଥିଲା। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଗତକାଲି ଶ୍ରୀ ମସ୍କଙ୍କ ସହ ବୈଷୟିକ ଏବଂ ଉଦ୍ଭାବନ କ୍ଷେତ୍ରରେ ସହଭାଗିତା ନେଇ ଆଲୋଚନା କରିଥିଲେ।

# ୧୪ସି- ଅନଲାଇନ୍ ଫ୍ରଡ୍ ଆଲର୍ଟ

ଅନଲାଇନ୍ ଠକେଇ ତଥା ଧାର୍ମିକ ତୀର୍ଥଯାତ୍ରୀ ଓ ପର୍ଯ୍ୟଟକଙ୍କୁ ଲକ୍ଷ୍ୟରେ ରଖି କରାଯାଉଥିବା ଠକେଇ ପ୍ରତି ସତର୍କ ରହିବାକୁ କୁହାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନରେ ଥିବା ଭାରତୀୟ ସାଇବର କ୍ରାଇମ୍ ସମନ୍ୱୟ କେନ୍ଦ୍ର ଆଜି ଏ ନେଇ ସତର୍କ ସୂଚନା ଜାରି କରିଛି। କୌଣସି ଦେୟ ଦେବା ପୂର୍ବରୁ ସତର୍କତା ଅବଲମ୍ବନ କରିବା ଏବଂ ୱେବସାଇଟ୍‌ର ସତ୍ୟତା ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି। ଗୁଗୁଲ୍, ଫେସବୁକ୍ କିମ୍ବା ହ୍ୱାଟ୍‌ସଆପ୍‌ରେ ଆସୁଥିବା ଅଜଣା କଲ୍ କିମ୍ବା ଲିଙ୍କ୍ ଉପରେ କ୍ଲିକ୍ କରିବା ପୂର୍ବରୁ ସତର୍କ ରହିବାକୁ କୁହାଯାଇଛି।  ମିଥ୍ୟା ୱେବସାଇଟ୍, ସୋସିଆଲ୍ ମିଡିଆ ପେଜ୍, ଫେସବୁକ୍ ପୋଷ୍ଟ ଏବଂ ଗୁଗୁଲ୍ ଭଳି ମାଧ୍ୟମରେ ସର୍ଚ୍ଚ କରିବା ବେଳେ ଏଭଳି ଠକେଇ ହେଉଥିବା କେନ୍ଦ୍ର କହିଛି। ଚାରିଧାମ ଯାତ୍ରା ପାଇଁ ଶ୍ରଦ୍ଧାଳୁ ଅନଲାଇନ୍ ବୁକିଂ କରିବା ବେଳେ ଏ ସବୁ ପ୍ରତି ତୀକ୍ଷ୍ଣ ନଜର ରଖିବାକୁ ପଡ଼ିବ। କେବଳ ସରକାରୀ ପୋର୍ଟାଲ କିମ୍ବା ବିଶ୍ୱସ୍ତ ଟ୍ରାଭେଲିଂ ଏଜେନ୍ସି ମାଧ୍ୟମରେ ବୁକିଂ ବ୍ୟବସ୍ଥା କରିବାକୁ

ପରାମର୍ଶ ଦିଆଯାଇଛି । ଆବଶ୍ୟକସ୍ଥଳେ ଜାତୀୟ ସାଇବର କ୍ରାଇମ ରିପୋର୍ଟିଂ ପୋର୍ଟାଲ www.cybercrime.gov.in କିମ୍ବା ହେଲ୍‌ପଲାଇନ୍ ନମ୍ବର ୧୯୩୦ରେ ଜଣାଇବାକୁ ଅନୁରୋଧ କରାଯାଇଛି । ସୂଚନାଯୋଗ୍ୟ, ନାଗରିକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଇତି ମଧ୍ୟରେ କେତେକ ନକଲି ୱେବସାଇଟ୍, ବିଜ୍ଞାପନ ଏବଂ ସୋସିଆଲ ମିଡିଆ ଆକାଉଣ୍ଟକୁ ସରକାର ନିଷ୍କ୍ରିୟ କରିଛନ୍ତି ।

## ଏମ୍‌ଇଏ-ବାଂଲାଦେଶ ମର୍ଡର

ବାଂଲାଦେଶରେ ହିନ୍ଦୁ ସଂଖ୍ୟାଲଘୁ ନେତା ଭବେଶ ଚନ୍ଦ୍ର ରାୟଙ୍କ ଅପହରଣ ଏବଂ ହତ୍ୟା ଘଟଣାରେ ଭାରତ ତୀବ୍ର ନିନ୍ଦା କରିଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ଏହି ଘଟଣା ବାଂଲାଦେଶରେ ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ଅଧୀନରେ ହିନ୍ଦୁ ସଂଖ୍ୟାଲଘୁଙ୍କ ଉପରେ ସୁବ୍ୟବସ୍ଥିତ ଅତ୍ୟାଚାରର ଧାରାକୁ ପ୍ରତିଫଳନ କରୁଛି । ହିନ୍ଦୁଙ୍କ ସମେତ ସଂଖ୍ୟାଲଘୁ ସମ୍ପ୍ରଦାୟକୁ ସୁରକ୍ଷା ଦେବା ପାଇଁ ମଧ୍ୟବର୍ତ୍ତୀକାଳୀନ ସରକାର ପଦକ୍ଷେପ ନେବାକୁ ସେ ଆହ୍ୱାନ ଦେଇଛନ୍ତି ।

ସୂଚନାଯୋଗ୍ୟ, ଦିନାଜପୁର ଜିଲ୍ଲାର ବିରାଲ ଅଞ୍ଚଳରେ ପ୍ରମୁଖ ହିନ୍ଦୁ ସମ୍ପ୍ରଦାୟ ନେତା ଭବେଶ ଚନ୍ଦ୍ର ରାୟଙ୍କୁ ଗତ ଗୁରୁବାର ଅପରାହ୍ନରେ ଅପହରଣ ସହ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଛି । ଶ୍ରୀ

ରାୟ ବାଂଲାଦେଶ ପୂଜା ପ୍ରସାର ପରିଷଦର ବିରାଲ ଶାଖାର ଉପାଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିଲେ।

# ଆର୍ଯ୍ୟଭଟ୍ଟ-୫୦ ବର୍ଷ

ଭାରତର ପ୍ରଥମ ଉପଗ୍ରହ ଆର୍ଯ୍ୟଭଟ୍ଟଙ୍କୁ ଆଜି ୫୦ ବର୍ଷ ପୂରଣ ହୋଇଛି। ୧୯୭୫ ମସିହା ଆଜିର ଦିନରେ ଉତ୍କ୍ଷେପଣ କରାଯାଇଥିବା ଏହି ଉପଗ୍ରହକୁ ପ୍ରାଚୀନ ଭାରତୀୟ ଗଣିତଜ୍ଞ ତଥା ଜ୍ୟୋତିର୍ବିଜ୍ଞାନୀ ଆର୍ଯ୍ୟଭଟ୍ଟଙ୍କ ନାମରେ ନାମିତ କରାଯାଇଥିଲା। ସୌର ପଦାର୍ଥ ବିଜ୍ଞାନ ଏରୋନୋମି ଏବଂ  ଜ୍ୟୋର୍ତିବିଜ୍ଞାନ ଭଳି କ୍ଷେତ୍ରରେ ଅନୁସନ୍ଧାନ କରିବା ପାଇଁ ଏହି ଉପଗ୍ରହକୁ ପ୍ରସ୍ତୁତ କରାଯାଇଥିଲା। ଇସ୍ରୋ ଦ୍ୱାରା ନିର୍ମିତ ଏହି ଉପଗ୍ରହକୁ ୟୁ.ଏସ୍.ଏସ୍.ଆର୍. ସହାୟତାରେ କାପୁସ୍ତିନ୍ୟାର୍ ଉତ୍କ୍ଷେପଣ କେନ୍ଦ୍ରରୁ ଆର୍ଯ୍ୟଭଟ୍ଟଙ୍କୁ ମହାକାଶକୁ ଛଡ଼ା ଯାଇଥିଲା। ୫ ଦିନ କକ୍ଷପଥରେ ରହିବା ପରେ ବିଦ୍ୟୁତ ବିଚ୍ଛିନ୍ନତା କାରଣରୁ ଆର୍ଯ୍ୟଭଟ୍ଟର ପରୀକ୍ଷଣ ବନ୍ଦ ହୋଇଥିଲା। ତେବେ ଏହି ସମୟ ମଧ୍ୟରେ ସଂଗ୍ରହ କରାଯାଇଥିବା ତଥ୍ୟ ପରବର୍ତ୍ତୀ ସମୟରେ ବୈଜ୍ଞାନିକଙ୍କୁ ଉପଗ୍ରହ ବିକାଶରେ ଗୁରୁତ୍ୱପୂର୍ଣ୍ଣ ସହାୟତା ପ୍ରଦାନ କରିଥିଲା। ଆର୍ଯ୍ୟଭଟ୍ଟ ମାଧ୍ୟମରେ ଭାରତ ମହାକାଶ ଅଭିଯାନର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲା।

# ଫାର୍ମା-ଏକ୍ସପୋର୍ଟ

ଭାରତର ଔଷଧ ରପ୍ତାନୀ ଗତ ଆର୍ଥିକ ବର୍ଷରେ ୩୦ ବିଲିୟନ ଡଲାର ଅତିକ୍ରମ କରିଥିଲା । ଯୁକ୍ତରାଷ୍ଟ୍ର ଆମେରିକା ଏହାର ଏକ ପ୍ରମୁଖ ବଜାର ରହିଥିଲା । ଦେଶର ମୋଟ୍ ଔଷଧ ରପ୍ତାନୀର ଏହା ଏକ ତୃତୀୟାଂଶରୁ ଅଧିକ ଥିବା ଜଣାପଡ଼ିଛି । ସରକାରୀ ବାଣିଜ୍ୟ ତଥ୍ୟ ଅନୁଯାୟୀ, ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ ଏହା ୯ ପ୍ରତିଶତ ଅଧିକ । ମାର୍ଚ୍ଚ ୨୦୨୫ ସୁଦ୍ଧା ଆର୍ଥିକ ବର୍ଷର ଔଷଧ ରପ୍ତାନୀ ୩୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଁ ୩ ହଜାର ୬୮୧ ନିୟୁତ ଡଲାରରେ ପହଁଞ୍ଚିଥିଲା ।

# ପାକିସ୍ତାନ-କ୍ୱେକ୍

ପାକିସ୍ତାନରେ ଆଜି ପୂର୍ବାହ୍ନରେ ୫ ଦଶମିକ ୯ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା । ତେବେ ଏଥିରେ କେହି ମୃତାହତ କିମ୍ବା ଘରଦ୍ୱାର କ୍ଷତିଗ୍ରସ୍ତ ହୋଇ ନ ଥିବା ଜଣାପଡ଼ିଛି । ଜାତୀୟ ଭୂକମ୍ପ ସର୍ବେକ୍ଷଣ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଆଫଗାନିସ୍ତାନ–ତାଜକିସ୍ତାନ ସୀମାବର୍ତ୍ତୀ ଅଞ୍ଚଳରେ ଏହାର ଉତ୍ପତ୍ତି ସ୍ଥଳ ଥିଲା । ଭୂସ୍ତରଠାରୁ ୯୪ କିଲୋମିଟର ଗଭୀରତାରେ ଏହାର କେନ୍ଦ୍ର ଥିବା ଜଣାପଡ଼ିଛି । ଇସ୍‌ଲାମାବାଦ, ଲାହୋର, ପେଶୱାର, ରାୱାଲପିଣ୍ଡି ସମେତ ଖାଇବରପକ୍‌ତୁଆଁ ଏବଂ ପାକିସ୍ତାନର ବିଭିନ୍ନ ଅଞ୍ଚଳରେ ଭୂକମ୍ପ ଅନୁଭୂତ ହୋଇଥିବା ଜଣାପଡ଼ିଛି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟର ଦ୍ୱିତୀୟ ମ୍ୟାଚ୍‌ରେ ଆଜି ଆଉ ଅଳ୍ପ ସମୟ ପରେ ରାଜସ୍ଥାନ ରୟାଲ୍ସ ଏବଂ ଲକ୍ଷ୍ନୌ ସୁପରଜାଏଣ୍ଟ୍ସ ମଧ୍ୟରେ ମୁକାବିଲା ଆରମ୍ଭ ହେବ। ଜୟପୁରର ସବାଇ ମାନସିଂ କ୍ରିକେଟ ଷ୍ଟାଡିୟମ୍‌ଠାରେ ଆରମ୍ଭ ହେବାକୁ ଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଲକ୍ଷ୍ନୌ ସୁପରଜାଏଣ୍ଟ୍ସ ନିଷ୍ପତ୍ତି ନେଇଛି।

ଆଜିର ପ୍ରଥମ ମ୍ୟାଚ୍‌ରେ ଗୁଜୁରାଟ ଟାଇଟାନ୍ସର ବ୍ୟାଟିଂ ଜାରି ରହିଛି। ଅହମ୍ମଦାବାଦରୁ ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ଗୁଜୁରାଟ୍ ଟାଇଟାନ୍ସ ନିଷ୍ପତ୍ତି ନେଇଥିଲା। ଦିଲ୍ଲୀ କ୍ୟାପିଟାଲ୍ସ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ବିନିମୟରେ ୨୦୩ ରନ୍ ସଂଗ୍ରହ କରିଥିଲା। ଗୁଜୁରାଟ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ସର୍ବାଧିକ ୪ଟି ୱିକେଟ୍ ଅକ୍ତିଆର କରିଥିଲେ। ବିଜୟ ଲକ୍ଷ୍ୟକୁ ପିଛା କରି ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଗୁଜୁରାଟ୍ ଟାଇଟନ୍ସ ୧୫ ଓଭରରେ ୨ ୱିକେଟ୍ ହରାଇ ୧୫୮ ରନ୍ ସଂଗ୍ରହ କରିଥିଲା।